# NATIONAL NEWS BULLETIN (ODIA)

## 30 April - 2025

## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜାତିଭିତ୍ତିକ ଜନଗଣନା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ନିଷ୍ପତ୍ତି ।
- ୨୦୨୫-୨୬ କୃଷି ବର୍ଷ ଲାଗି ଆଖୁଦର କୁଇଣ୍ଟାଲ୍ ପିଛା ଧାର୍ଯ୍ୟ ହେଲା ୩୫୫ ଟଙ୍କା ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମୁମ୍ବାଇ ଠାରେ ୱେଭ୍ସ ୨୦୨୫କୁ କରିବେ ଉଦ୍‌ଘାଟନ ।
- ଆସନ୍ତା ମାସ ୯ ତାରିଖ ଦିନ ମସ୍କୋରେ ଅନୁଷ୍ଠିତ ହେବାକୁ ଥିବା ଭିକ୍ଟ୍ରି ଡେ' ପ୍ୟାରେଡ୍‌ରେ ଯୋଗ ଦେବେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଚେନ୍ନାଇ ସୁପରକିଙ୍ଗସ୍ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ପଞ୍ଜାବ କିଙ୍ଗସ୍ ।

# କ୍ୟାବିନେଟ୍

ଦେଶରେ ଜାତିଭିତ୍ତିକ ଜନଗଣନା କରିବା ଲାଗି କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ସାଧାରଣ ଜନଗଣନା ସହ ଏହାକୁ ମିଳିତ ଭାବେ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀ ଅନୁଷ୍ଠିତ ରାଜନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ବୈଠକ ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ସର୍ଭେ କାର୍ଯ୍ୟକୁ କେତେକ ରାଜ୍ୟ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ କରିଥିବା ବେଳେ ଅନ୍ୟ କେତେକ ରାଜ୍ୟ ଏହାକୁ ରାଜନୈତିକ ଦୃଷ୍ଟିକୋଣରୁ ସମ୍ପନ୍ନ କରିଛନ୍ତି । ଯେଉଁଥିରେ କି ସ୍ୱଚ୍ଛତାର ଅଭାବ ପରିଲକ୍ଷିତ ହୋଇଛି । ଏଭଳି ସର୍ଭେ ଦ୍ୱାରା ସମାଜରେ ସନ୍ଦେହ ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ଏଭଳି ତଥ୍ୟକୁ ଦୃଷ୍ଟିରେ ରଖି ଦେଶର ସାମାଜିକ ଏବଂ ଅର୍ଥନୈତିକ ସ୍ଥିତିକୁ ସଶକ୍ତ କରିବା ସହିତ ସାମଗ୍ରୀକ ବିକାଶ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ  ସରକାର ସର୍ଭେ ବଦଳରେ ଜାତିଭିତ୍ତିକ ଜନଗଣନା କରିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏଭଳି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରହିବ ବୋଲି ସେ କହିଛନ୍ତି । ଶ୍ରୀ ବୈଷ୍ଣବ

କହିଛନ୍ତି, ଏହାଦ୍ୱାରା ଦେଶ ତଥା ସମାଜର ସ୍ୱାର୍ଥ ଏବଂ ମୂଲ୍ୟବୋଧ ବଜାୟ ରଖିବା ଦିଗରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ପ୍ରତିଫଳିତ ହେଉଛି ।

**V/O-ASHWANI-VAISHNAV-CASTE-CENSUS**

ଏହି ପ୍ରସଙ୍ଗରେ ଶ୍ରୀ ବୈଷ୍ଣବ କହିଛନ୍ତି, କଂଗ୍ରେସ ଦଳ ଶାସନ କ୍ଷମତାରେ ଥିବା ସମୟରେ ସବୁବେଳେ ଜାତିଭିତ୍ତିକ ଜନଗଣନାକୁ ବିରୋଧ କରି ଆସୁଥିଲା । ୨୦୧୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଡକ୍ଟର ମନମୋହନ ସିଂହ ଏହି ପ୍ରସଙ୍ଗକୁ କ୍ୟାବିନେଟ୍‌ରେ ଉତ୍ଥାପନ କରାଯିବା ସହ ଏଥିଲାଗି ଏକ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଗଠନ କରାଯିବ ବୋଲି ଲୋକସଭାରେ ପ୍ରତିଶ୍ରୁତି ଦେଇଥିଲେ । ତଦନୁଯାୟୀ ଅଧିକାଂଶ ରାଜନୈତିକ ଦଳ ଜାତିଭିତ୍ତିକ ଗଣନା ଲାଗି ସୁପାରିଶ କରିଥିବା ବେଳେ ତତ୍କାଳୀନ କଂଗ୍ରେସ ସରକାର କେବଳ ଏକ ସର୍ଭେ କରିବା ଲାଗି ନିଷ୍ପତ୍ତି ନେଇଥିଲେ ।

କ୍ୟାବିନେଟ୍‌ରେ ଆଜି ନିଆଯାଇଥିବା ଅନ୍ୟ ଏକ ନିଷ୍ପତ୍ତି ଉପରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ସିଲଙ୍ଗ୍‌ରୁ ସିଲ୍‌ଚାର ପର୍ଯ୍ୟନ୍ତ ଏକ ନୂତନ ରାଜପଥ ନିର୍ମାଣ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ପ୍ରକଳ୍ପ ଲାଗି ୨୨ ହଜାର ୮୬୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଉତ୍ତର ପୂର୍ବାଞ୍ଚଳର ସାମଗ୍ରୀକ ବିକାଶ ଦିଗରେ

ସହାୟକ ହୋଇପାରିବ । ୧୬୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ତିନି ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ତ୍ରିପୁରା, ମିଜୋରାମ, ମଣିପୁର ଏବଂ ଆସାମର ବାରାକ ଉପତ୍ୟକା ଅଞ୍ଚଳକୁ ଗମନାଗମନକୁ ଅଧିକ ସୁସଂହତ କରାଯାଇପାରିବ ।

ଅଜି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୨୦୨୫-୨୬ କୃଷି ବର୍ଷ ଲାଗି ଆଖୁ ଦର କୁଇଣ୍ଟାଲ୍ ପିଛା ୩୫୫ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ଦରରେ ଚାଷୀମାନଙ୍କ ଠାରୁ ଆଖୁ କିଣାଯିବା ଦ୍ୱାରା ପ୍ରାୟ ୫ କୋଟି ଆଖୁ ଚାଷୀ ଉପକୃତ ହୋଇପାରିବେ । ଏତଦ୍‌ବ୍ୟତୀତ ବିଭିନ୍ନ ଚିନି କାରଖାନାରେ କାମ କରୁଥିବା ପ୍ରାୟ ୫ ଲକ୍ଷ ଶ୍ରମିକ ମଧ୍ୟ ଏହି ନିଷ୍ପତ୍ତି ଦ୍ୱାରା ଲାଭବାନ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ୱେଭ୍ସ

ବିଶ୍ୱ ଦୃଶ୍ୟଶ୍ରାବ୍ୟ ମନୋରଂଜନ ସମ୍ମିଳନୀ ୱେଭ୍ସ ୨୦୨୫ ଆସନ୍ତାକାଲି ଠାରୁ ମୁମ୍ବାଇରେ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁମ୍ବାଇର ଜିଓ ବିଶ୍ୱ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଏହି ୪ ଦିନିଆ ସମ୍ମିଳନୀକୁ ଆସନ୍ତାକାଲି ଉଦ୍‌ଘାଟନ କରିବେ । ମନୋରଂଜନ,

ଗଣମାଧ୍ୟମ ତଥା ଡିଜିଟାଲ୍ ନବସୃଜନତା କ୍ଷେତ୍ରରେ ବିଶ୍ୱ ବ୍ୟାପି ବିଭିନ୍ନ ଷ୍ଟାର୍ଟଅପ୍, ଅଗ୍ରଣୀ ଶିକ୍ଷାନୁଷ୍ଠାନ, ନିତି ନିର୍ଦ୍ଧାରକମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରି ଭାରତକୁ ଏ କ୍ଷେତ୍ରରେ ଏକ ବିଶ୍ୱ ହବ୍‌ରେ ପରିଣତ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ୱେଭ୍ସ ସମ୍ମିଳନୀ ମାଧ୍ୟମରେ ବିଶ୍ୱ ମନୋରଂଜନ ଅର୍ଥ ବ୍ୟବସ୍ଥାରେ ୨୦୨୯ ମସିହା ସୁଦ୍ଧା ଭାରତ ୫୦ ବିଲିୟନ୍ ଡଲାର୍ ବଜାର ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ତଥା ଦୃଷ୍ଟିକୋଣକୁ ଆଧାର କରି ଏହି ନିଷ୍ପତ୍ତି ନିଆଯାଇଛି ।

## ପିଏମ୍-ମହାରାଷ୍ଟ୍ର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ମହାରାଷ୍ଟ୍ର, କେରଳ, ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ତାଙ୍କର ପ୍ରଥମ ଦିନ ଗସ୍ତରେ ପ୍ରଧାନମନ୍ତ୍ରୀ ମୁମ୍ବାଇଠାରେ ବିଶ୍ୱ ଦୃଶ୍ୟଶ୍ରବ୍ୟ ମନୋରଂଜନ ସମ୍ମିଳନୀ–ୱେଭ୍ସକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ତା’ ପରଦିନ ପ୍ରଧାନମନ୍ତ୍ରୀ କେରଳ ଗସ୍ତ କରି ଭିଜିନ୍ ଜାମ୍ ଆନ୍ତର୍ଜାତିକ ଗଭୀର ଜଳ ସାମୁଦ୍ରିକ ବନ୍ଦରକୁ ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ବନ୍ଦର କାର୍ଯ୍ୟକ୍ଷମ ହେଲେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ

ଉନ୍ନତି ଘଟିବ । ଏହି ଅବସରରେ ଶ୍ରୀ ମୋଦୀ ସେଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ । ପରେ ପ୍ରଧାନମନ୍ତ୍ରୀ ଅମରାବତୀଠାରେ ୫୮ ହଜାର କୋଟି ଟଙ୍କାର ବିବିଧ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ କରିବେ ।

ଦେଶ ବ୍ୟାପି ବିଶ୍ୱ ସ୍ତରୀୟ ଭିତ୍ତିଭୂମି ତଥା ସଂଯୋଗୀକରଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଏହି ଅବସରରେ ଆନ୍ଧ୍ରପ୍ରଦେଶରେ ୭ଟି ଜାତୀୟ ରାଜପଥ ପ୍ରକଳ୍ପକୁ ଲୋକାର୍ପଣ କରିବେ । ଏହାଦ୍ୱାରା ତିରୁପତି, ଶ୍ରୀକାଲାହସ୍ତି, ମାଲାକୋଣ୍ଡା ଓ ଉଦୟଗିରି ଫୋର୍ଟ୍ ଭଳି ବିଭିନ୍ନ ଧାର୍ମିକ ତଥା ପର୍ଯ୍ୟଟନ କ୍ଷେତ୍ରକୁ ସଂଯୋଗୀକରଣ ସୁସଂହତ ହୋଇପାରିବ । ଏତଦ୍‌ବ୍ୟତୀତ କେତେକ ରେଳ ପ୍ରକଳ୍ପର ମଧ୍ୟ ଶ୍ରୀ ମୋଦୀ ଲୋକାର୍ପଣ କରିବେ । ସେହିଭଳି ୬ଟି ଜାତୀୟ ରାଜପଥ ଏବଂ ଗୋଟିଏ ରେଳ ପ୍ରକଳ୍ପ ଲାଗି ପ୍ରଧାନମନ୍ତ୍ରୀ ଏହି ଅବସରରେ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମାସ ୯ ତାରିଖ ଦିନ ମସ୍କୋରେ ଅନୁଷ୍ଠିତ ହେବାକୁ ଥିବା ଭିକ୍ଟ୍ରି ଡେ’ ପ୍ୟାରେଡ୍‌ରେ

ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ସମାରୋହରେ ଯୋଗଦେବା ଲାଗି ରୁଷ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରାଯାଇଥିଲା । ତେବେ ଏହି ପ୍ୟାରେଡ୍‌ରେ ଭାରତ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ଯୋଗଦେବେ ବୋଲି ପୂର୍ବରୁ ରୁଷକୁ ଅବଗତ କରାଇ ଦିଆଯାଇଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ।

## ମଜୁମଦାର-ଏଜୁକେସନ୍ ୱାର୍କସପ୍

କେନ୍ଦ୍ର ଶିକ୍ଷା ଏବଂ ଉତ୍ତର ପୂର୍ବାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଦେଶର ଯୁବବର୍ଗଙ୍କୁ ସଶକ୍ତ କରାଇବା ଦିଗରେ ଜାତୀୟ ଶିକ୍ଷାନୀତିର ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଅଧୀନରେ ଆୟୋଜିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି । ଡକ୍ଟର ମଜୁମଦାର କହିଛନ୍ତି, ଜାତୀୟ ଶିକ୍ଷାନୀତି ଦ୍ୱାରା ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଆଧୁନିକକରଣ କରାଯିବା ସହିତ ଭାରତର ପୁରାତନ ଜ୍ଞାନକୁ ଆଧୁନିକ ନବସୃଜନତା ସହ ସଂଯୋଗ କରାଯାଇପାରିବ ।

ସେହିଭଳି ବିଶ୍ୱର ବିଭିନ୍ନ ଆହ୍ୱାନ ଗୁଡ଼ିକର ସଫଳ ମୁକାବିଲା କରିବା ଦିଗରେ ଏହି ଶିକ୍ଷାନୀତି ମାଧ୍ୟମରେ ଗବେଷଣା ଓ ନବସୃଜନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କର ଦକ୍ଷତା ବୃଦ୍ଧି ପାଇବ । ଏହି କର୍ମଶାଳାରେ ପ୍ରାୟ ୬୪ଟି ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ବହୁ ଶିକ୍ଷାବିତ୍ ଯୋଗଦେଇଥିଲେ ।

## ଇଣ୍ଡିଆ-ପାକ୍-ଡିଜିଏମ୍ଓ

ପାକିସ୍ତାନ ସେନା ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟରେ ବାରମ୍ବାର ଉତ୍ତେଜନା ସୃଷ୍ଟି ନ କରିବା ଲାଗି ଭାରତୀୟ ସେନାର ସାମରିକ ଅପରେସନ୍‌ର ମହାନିର୍ଦ୍ଦେଶକ – ଡି.ଜି.ଏମ୍.ଓ. ଗତକାଲି ଫୋନ୍ ଯୋଗେ ତାଙ୍କ ପାକିସ୍ତାନ ପ୍ରତିପକ୍ଷଙ୍କୁ ତାଗିଦ୍ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତକାଲି ଉଭୟ ଦେଶର ଡି.ଜି.ଏମ୍.ଓ. ସାମରିକ ହଟ୍‌ଲାଇନ୍ ଯୋଗେ ଏ ସମ୍ପର୍କରେ କଥାବାର୍ତ୍ତା କରିଛନ୍ତି । ଏହି କଥାବାର୍ତ୍ତା ସମୟରେ ପାକିସ୍ତାନ ଦ୍ୱାରା ନିୟନ୍ତ୍ରଣ ରେଖା ନିକଟରେ କରାଯାଉଥିବା ଅସ୍ତ୍ର ବିରତି ଉଲ୍ଲଙ୍ଘନ

ସମ୍ପର୍କରେ ମଧ୍ୟ ଭାରତ ପକ୍ଷରୁ ଆପତ୍ତି କରାଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ଜାମ୍ମୁ-ଆର୍ମି ଚିଫ୍

ଲେଫ୍ଟନାଣ୍ଟ ଜେନେରାଲ୍ ପ୍ରତୀକ ଶର୍ମା ଉତ୍ତରାଞ୍ଚଳ ସ୍ଥଳ ସେନା କମାଣ୍ଡ'ର ନୂତନ କମାଣ୍ଡର୍-ଇନ୍ ଚିଫ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ଉଧମପୁର ଠାରେ ଥିବା ଏହି କମାଣ୍ଡ'ର ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ଏମ୍.ଭି. ସୁଚେନ୍ଦ୍ର କୁମାରଙ୍କ ଅବସର ପରେ ଶ୍ରୀ ଶର୍ମା ଏହି ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଲେଫ୍ଟନାଣ୍ଟ ଜେନେରାଲ୍ ଶର୍ମା ପବନ, ମେଘଦୂତ, ରକ୍ଷକ୍ ଓ ରାକ୍ରମ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅପରେସନ୍‌ରେ ଅଂଶଗ୍ରହଣ କରିଛନ୍ତି । ପୂର୍ବରୁ ଲେଫ୍ଟନାଣ୍ଟ ଜେନେରାଲ୍ ଶର୍ମା ସାମରିକ ଅପରେସନ୍‌ର ମହାନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇ ସାରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

# ଏସିବି ସିସୋସିଆ

୨ହଜାର କୋଟି ଟଙ୍କାର ଶ୍ରେଣୀ ଗୃହ ନିର୍ମାଣ ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ଦିଲ୍ଲୀ ପୁଲିସ୍‌ର ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ଆମ୍ ଆଦ୍‌ମୀ ପାର୍ଟିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ମନିଶ ସିସୋଦିଆ ଓ ସତ୍ୟନ୍ଦ୍ର ଜୈନଙ୍କ ବିରୁଦ୍ଧରେ ମାମଲା ଦାଖଲ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀରେ ଆପ୍ ସରକାରଙ୍କ କାର୍ଯ୍ୟକାଳ ସମୟରେ ୧୨ ହଜାରରୁ ଉର୍ଦ୍ଧ୍ୱ ଶ୍ରେଣୀ ଗୃହ ନିର୍ମାଣ ସମୟରେ ଏହି ଦୁର୍ନୀତି ହୋଇଥିବା ଜଣାଯାଇଛି । ଏଥିଲାଗି ୩୪ଟି ଫାର୍ମଙ୍କୁ ଠିକା କାର୍ଯ୍ୟ ଦିଆଯାଇଥିଲା ଏବଂ ସେଥିମଧ୍ୟରୁ ଅଧିକାଂଶ ଆପ୍ ସହିତ ପରୋକ୍ଷ ଭାବେ ସମ୍ପର୍କରେ ଥିବା ଜଣାଯାଇଛି । ଏହି ପ୍ରକଳ୍ପଟି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ନିର୍ମାଣ ମୂଲ୍ୟ ଅଧିକ ହୋଇଯାଇଥିଲା । ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ପୋଲିସ୍ ପକ୍ଷରୁ ତଦନ୍ତ କରାଯାଇଛି ଏଭଳି ପଦକ୍ଷେପ ନିଆଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଚେନ୍ନାଇ ସୁପର କିଙ୍ଗସ୍ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାତଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ମିଳିଥିବା ସୂଚନା ଅନୁଯାୟୀ ପଞ୍ଜାବ କିଙ୍ଗସ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଗତକାଲିର ଆଇପିଏଲ୍ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ୧୪ରନ୍‌ରେ ପରାସ୍ତ କରିଛି ।